# ସତ୍ୟବାକ୍ୟ

# THE WORD OF TRUTH



**MAY - JUNE 2020**

An Oriya Bimonthly Bulletin published by the

**CHURCH OF CHRIST**

# THE VOICE OF TRUTH

Edited and Published By

***Joshua & Kabita Gootam***

## CHURCH OF CHRIST

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-25. May & June 2020. No-3**

*Published every two months in **Oriya** language for the Restoration of the pure New Testament Christianity*

*Write for free Bible Correspondence course*

*in*

*Telugu & Oriya to :*

**The Director**

Bible Correspondence Course

P.O.Box. 80, KAKINADA - 533 001. A.P.

# ସତ୍ୟବାଣୀ
# VOICE OF TRUTH

**VOL - XXV KAKINADA MAY-JUN-2020**

## ପୁରାତନ ନିୟମରେ ଯୀଶୁଖ୍ରୀଷ୍ଟ

**(Jesus in the old Testament)**

(Luk 24:13-27)

ପୁରାତନ ବ୍ୟବସ୍ଥା ଲୋପ ପାଇଅଛି ଏବଂ ତାହାର ଆବଶ୍ୟକତା ନାହିଁ ବୋଲି ଅନେକଙ୍କ ମନୋଭାବ, ପ୍ରଭୁଯୀଶୁ ଏହି ଧାରାରେ ଜୀବନଯାପନ କରିବା ସମୟରେ ନୂତନ ନିୟମ ବ୍ୟବହାର କରି ନଥିଲେ । (କାରଣ ସେ ନିଜେ ନୂତନ ନିୟମର ସ୍ଥାପକ ଓ ତାହାଙ୍କ ମୃତ୍ୟୁ ଓ ପୁନଃରୁଥାନରୁ ପରବର୍ତ୍ତୀ ସମୟରେ ନିୟମ ଲିଖିତ ହୋଇଥିଲା । କିଅବା ପ୍ରେରିତ ପାଉଲ, ପିତର, ଯୋହନମାନେ ମଧ୍ୟ ନୂତନ ନିୟମରେ ଲିଖିତ ବାକ୍ୟ ବ୍ୟବହାର କରି ନଥିଲେ । ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଲେଖନ୍ତି, "ପୁଣି ଯେଉଁ ଧର୍ମଶାସ୍ତ୍ର ଖ୍ରୀଷ୍ଟଯୀଶୁଙ୍କଠାରେ ବିଶ୍ୱାସ ଦ୍ୱାରା ତୁମ୍ଭକୁ ପରିତ୍ରାଣ ଜ୍ଞାନ ଦେବାକୁ ସମର୍ଥ, ତାହା ତୁମ୍ଭେ ବାଲ୍ୟକାଳରୁ ଜ୍ଞାତ ଅଛି ।" (୨ ତୀମଥି ୩:୧୫) ।

ପରବର୍ତ୍ତୀ ବାକ୍ୟ କହେ, "ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।" (୨ ତୀମଥି ୩:୧୬ ଓ ୧୭) । ଯୀଶୁ କହିଲେ, "ତୁମ୍ଭେମାନେ ଧର୍ମଶାସ୍ତ୍ର ଅନୁସନ୍ଧାନ କରୁଅଛ । ସେଥିରେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛ ବୋଲି ମନେ କରୁଅଛି, ଆଉ ସେହି ଧର୍ମଶାସ୍ତ୍ର ମୋ ବିଷୟରେ ସାକ୍ଷ୍ୟ ଦେଉଅଛି,... ...କାରଣ ତୁମ୍ଭେମାନେ ଯଦି ମୋଶାଙ୍କୁ ବିଶ୍ୱାସ କର, ତେବେ ମୋତେ ବିଶ୍ୱାସ କର, ଯେଣୁ ସେ ମୋ ବିଷୟରେ

ଲେଖିଅଛନ୍ତି ।" (ଯୋହନ ୫:୩୯ ଓ ୪୪) । ଏଠାରେ ଉଲ୍ଲେଖିତ, "ଶାସ୍ତ୍ର" ବା ଧର୍ମଶାସ୍ତ୍ର ପୁରାତନ ନିୟମ ଅଟେ ।

ପ୍ରଭୁଯୀଶୁ ଖ୍ରୀଷ୍ଟ ମୃତ୍ୟୁରୁ ପୁନଃରୁତ୍ଥିତ ହେବା ଦିନର ସନ୍ଧ୍ୟା ସମୟରେ ତାହାଙ୍କ ଦୁଇ ଶିଷ୍ୟ ଯିରୁଶାଲମରୁ ଇମ୍ମାୟୁ ଗ୍ରାମକୁ ଯାଉଥିଲେ । ଯୀଶୁଖ୍ରୀଷ୍ଟ ଆପେ ସେମାନଙ୍କ ମଧ୍ୟକୁ ଆସି ସେମାନଙ୍କ ସଙ୍ଗେ ଗମନ କରି, ସେମାନଙ୍କ କଥାବାର୍ତ୍ତା ଓ ବାଦାନୁବାଦରେ ସହଯୋଗୀ ହେଲେ । ଶିଷ୍ୟମାନଙ୍କ ଚକ୍ଷୁରୁଦ୍ଧ ହୋଇଥିବାରୁ, ସେମାନେ ତାହଙ୍କୁ ଚିହ୍ନି ପାରି ନଥିଲେ । ଯୀଶୁ ସେମାନଙ୍କୁ କହିଲେ, "... ...ହେ ନିର୍ବୋଧମାନେ ଓ ଭାବବାଦୀମାନଙ୍କ ଦ୍ୱାରା କଥିତ ସମସ୍ତ ବାକ୍ୟରେ ବିଶ୍ୱାସ କରିବାକୁ ସ୍ଥିର ଚିତ୍ତମାନେ, ପୁଣି ମୋଶା ଓ ସମସ୍ତ ଧର୍ମଶାସ୍ତ୍ରରେ ଆପଣା ସମ୍ବନ୍ଧୀୟ କଥା ସେ ସେମାନଙ୍କୁ ବୁଝାଇ ଦେଲେ ।" (ଲୂକ ୨୪:୨୭) । ସେମାନଙ୍କ ଚକ୍ଷୁ ସେ ଉନ୍ମୁକ୍ତ କରନ୍ତେ, ସେମାନେ ତାହାଙ୍କୁ ଚିହ୍ନିଲେ । ଯୀଶୁଙ୍କ ବିଷୟରେ ମୋଶା, ଗୀତ ସଂହିତା ଓ ଭାବବାଦୀମାନଙ୍କ ପୁସ୍ତକରେ ଲିଖିତ ହୋଇଅଛି ।

**ମୋଶାଙ୍କ ବ୍ୟବସ୍ଥାରେ ଯୀଶୁଙ୍କ ବିଷୟରେ ଲିଖିତ ହୋଇଅଛି :-**

**ଆଦି ୧:୨ :-** "ଅନନ୍ତର ପରମେଶ୍ୱର କହିଲେ, ଦୀପ୍ତି ହେଉ ତହିଁରେ ଦୀପ୍ତି ହେଲା ।" ଯୀଶୁ କହିଲେ, "...ମୁଁ ଜଗତର ଜ୍ୟୋତି, ଯେ ମୋହର ଅନୁଗମନ କରେ ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର ଜ୍ୟୋତି ପାଇବି ।" (ଯୋହନ ୮:୧୨) । ଯୀଶୁଖ୍ରୀଷ୍ଟ ସୃଷ୍ଟି ନୁହନ୍ତି, କିନ୍ତୁ ନିଜେ ସୃଷ୍ଟିକର୍ତ୍ତା ଅଟନ୍ତି । ଆମ୍ଭମାନଙ୍କ ଜ୍ୟୋତି ଦେଉଥିବା ନକ୍ଷତ୍ର ସୂର୍ଯ୍ୟ, ଚତୁର୍ଥ ଦିନରେ ସୃଷ୍ଟି ହୋଇଥିଲା କିନ୍ତୁ ଯୀଶୁଖ୍ରୀଷ୍ଟ ଆଦ୍ୟରୁ ଜ୍ୟୋତି ଅଟନ୍ତି ।

**ଆଦି ୨:୧୬ :-** ସଦାପ୍ରଭୁ ପରମେଶ୍ୱର ଏଦନ ଉଦ୍ୟାନରେ ଜୀବନ ଓ ଜ୍ଞାନଦାୟକ ବୃକ୍ଷ ରଖିଲେ । ଜ୍ଞାନୀ ଶଲୋମନ କହନ୍ତି, "ସଦାପ୍ରଭୁଙ୍କ ବିଷୟକ ଭୟ ଜ୍ଞାନର ଆରମ୍ଭ, ପୁଣି ଧର୍ମ ସ୍ୱରୂପଙ୍କ ବିଷୟକ ଜ୍ଞାନ ସୁବିବେଚନା ଅଟେ ।" (ହିତ-୯:୧୦) ।

**ଆଦି ୩:୮ :-** ଦିବାବସାନ ସମୟରେ ଉଦ୍ୟାନ ମଧ୍ୟରେ ଗମନାଗମନକାରୀ ସଦାପ୍ରଭୁ ପରମେଶ୍ୱରଙ୍କ ରବ ଶୁଣି ଆଦମ ଓ ତାହାଙ୍କ ଭାର୍ଯ୍ୟା ସଦାପ୍ରଭୁଙ୍କ ଛାମୁରୁ ଉଦ୍ୟାନସ୍ଥ ବୃକ୍ଷଗଣ ମଧ୍ୟରେ ଲୁଚିଲେ । ଏବ୍ରୀ ଭାଷାରେ "Membra" ବୋଲି ଲିଖିତ ହୋଇଅଛି, ଯାହାର ଅର୍ଥ "ବାକ୍ୟ" ସେ ବାକ୍ୟ ସ୍ୱରୂପୀ ଈଶ୍ୱର ଅଟନ୍ତି । ତାହାଙ୍କ କଥିତ ବାକ୍ୟ

ଦ୍ୱାରା, ଶେଷ ଦିନରେ ପ୍ରତ୍ୟେକ ବିଚାରିତ ହେବେ । "ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ, ତାହାର ବିଚାରକର୍ତ୍ତା ଅଛି, ମୁଁ ଯେଉଁ ବାକ୍ୟ କହିଅଛି, ତାହା ଶେଷଦିନରେ ତାହାର ବିଚାର କରିବ ।" (ଯୋହନ ୧୨:୪୮ ଓ ଲୂକ ୨୨:୨୬-୨୯) ।

**ଆଦି ୩:୧୫ :-** ମନୁଷ୍ୟ ଆଜ୍ଞାଲଙ୍ଘନ କରି ପାପରେ ପତିତ ହେବାରୁ, ସଦାପ୍ରଭୁ ପରମେଶ୍ୱର ଏକ ତ୍ରାଣକର୍ତ୍ତାର ପ୍ରତିଜ୍ଞା କରିଥିଲେ । "ଆଉ ଆମ୍ଭେ ତୁମ୍ଭର ଓ ନାରୀର ମଧ୍ୟରେ ପୁଣି ତୁମ୍ଭ ବଂଶ ଓ ତାଙ୍କ ବଂଶ ମଧ୍ୟରେ ବୈରଭାବ ଜନ୍ମାଇବା; ସେ ତୁମ୍ଭର ମସ୍ତକକୁ ଆଘାତ କରିବ ।" ସେହି ସ୍ତ୍ରୀଜାତ ସନ୍ତାନ ଯୀଶୁଖ୍ରୀଷ୍ଟ ଅଟନ୍ତି ବୋଲି ପ୍ରେରିତ ପାଉଲ ଗାଲାତୀ ମଣ୍ଡଳୀକୁ ଲେଖନ୍ତି, "କିନ୍ତୁ କାଳ ସଂପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ; ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧୀନ ହେଲେ...।" (ଗାଲାତୀ ୪:୪ ଓ ଯିଶାଇୟ ୭:୧୪) । ମନୁଷ୍ୟ ସ୍ତ୍ରୀର ଔରସରୁ ଜାତ ହୁଏ ନାହିଁ, ବୀଜ ପୁରୁଷରେ ଥାଏ, ସ୍ତ୍ରୀଠାରେ ନୁହେଁ ।

**ଆଦି ୪:୨ :-** ହେବଲ ସଦାପ୍ରଭୁଙ୍କ ପ୍ରଥମଜାତ କେତେକ ପଶୁ ଓ ସେମାନଙ୍କ ମେଦ ଉତ୍ସର୍ଗ କଲେ । ୧୪:୭ ପଦରେ ପ୍ରଥମଥର "ପାପ" ପଦ ବ୍ୟବହୃତ ହୋଇଅଛି । ଅବ୍ରାହାମଙ୍କ ପୁତ୍ର ଇସ୍‌ହାକ ମୋରିୟା ପର୍ବତ ଉପରେ ପ୍ରଶ୍ନ କରିଥିଲେ, "... ...ହୋମ ନିମନ୍ତେ ମେଣ୍ଢା ଛୁଆ କାହିଁ? ତହିଁରେ ଅବ୍ରାହାମ କହିଲେ, ପୁତ୍ର ପରମେଶ୍ୱର ଯୋଗାଇବେ... ..।" (ଆଦି ୨୨:୭ ଓ ୮) । ବାପ୍ତିଜକ ଯୋହନ ଯୀଶୁଙ୍କ ବିଷୟରେ କହିଲେ, "....ଏହି ଦେଖ, ଈଶ୍ୱରଙ୍କ ମେଷ ଶାବକ ଯେ ଜଗତରେ ପାପ ବହି ନେଇ ଯାଆନ୍ତି ।" (ଯୋଜନ ୧:୨୯) ।

**<u>II</u> ଗୀତ ସଂହିତାରେ :-** ଗୀତ ସଂହିତାର ପୁସ୍ତକର ୧୫୦ ଗୀତରେ ୧୬ ଗୀତ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଭାବବାଣୀ ବ୍ୟକ୍ତ କରେ । ବିଶେଷତଃ ୨୨ମ ଗୀତ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଦୁଃଖଭୋଗ ବର୍ଣ୍ଣନା କରେ । ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ଏକ ହଜାର ବର୍ଷ ପୂର୍ବେ ଲେଖାଯାଏ, "ଗାନ୍ଥକମାନେ ଯେଉଁ ପ୍ରସ୍ତର ଅଗ୍ରାହ୍ୟ କଲେ, ତାହା କୋଣର ପ୍ରଧାନ ପଥର ହୋଇଅଛି ।" (ଗୀତ ୧୧୮:୨୮) । "ହଁ, ମୋହର ନିଜ ସ୍ୱହୃଦ, ଯାହାକୁ ମୁଁ ବିଶ୍ୱାସ କଲି, ଯେ ମୋହର ରୋଟୀ ଖାଇଲେ, ସେ ଆମ୍ଭ ବିରୁଦ୍ଧରେ ଆପଣା ଗୋଇଠି ଉଠାଇଅଛି ।" (ଗୀତ ୪୧:୯) ।

III ଗୀତ ସଂହିତାରେ :- ଯୀଶୁଖ୍ରୀଷ୍ଟଙ୍କ ଜନ୍ମ, ଲାଳନପାଳନ, ତାହାଙ୍କ ପରିଚର୍ଯ୍ୟା, ତାହାଙ୍କ ମୃତ୍ୟୁ ଓ ପୁନଃରୁଥାନ ବିଷୟରେ ଭାବବାଦୀମାନଙ୍କ ପୁସ୍ତକରେ ଲିଖିତ ହୋଇଅଛି । "ମାତ୍ର ହେ, ବୈତ୍‌ଲେହମ୍ ଉଫ୍ରାଥା, ଯିହୂଦାର ସହସ୍ର ଗଣର ମଧ୍ୟରେ କ୍ଷୁଦ୍ର ଯେ ତୁମ୍ଭେ, ତୁମ୍ଭ ମଧ୍ୟରୁ ଇଶ୍ରାଏଲର ଶାସନକର୍ତ୍ତା ହେବା ନିମନ୍ତେ ଆମ୍ଭ ଉଦ୍ଦେଶ୍ୟରେ ଏକ ବ୍ୟକ୍ତି ଉତ୍ପନ୍ନ ହେବେ, ପୁରାତନ କାଳରୁ ଅନାଦି କାଳ ତାହାଙ୍କର ଉତ୍ପତ୍ତି ।" (ମୀଖା ୫:୨) । ଦୁଃଖଭୋଗ ବିଷୟରେ ଯିଶାଇୟ ୫୩ମ ଅଧ୍ୟାୟରେ ଲିଖିତ ହୋଇଅଛି । ନୂତନ ନିୟମ ବିଷୟରେ ଯିରିମୀୟ ୩୧:୩୧ ପଢ଼ିପାରୁଁ । "ସଦାପ୍ରଭୁ କହନ୍ତି, ଦେଖ, ଯେଉଁ ସମୟରେ ଆମ୍ଭେ ଇଶ୍ରାଏଲ ବଂଶ ଓ ଯିହୂଦାବଂଶ ସହିତ ଏକ ନୂତନ ନିୟମ ସ୍ଥାପନ କରିବା, ଏପରି ସମୟ ଆସୁଅଛି ।" ତାହାଙ୍କ ଶିଷ୍ୟଙ୍କୁ ଦ୍ୱାରା ପ୍ରତାରଣା ଓ ଶତ୍ରୁ ହସ୍ତରେ ସମର୍ପିତ ହେବା ବିଷୟ ଯିଖରିୟ ୧୧:୧୨ ପଦରେ ପଢ଼ିପାରୁ । "ପୁଣି, ମୁଁ ସେମାନଙ୍କୁ କହିଲି, ଯେବେ ତୁମ୍ଭେମାନ ଭଲ ବୋଧ କର, ତେବେ ମୋର ବେତନ ମୋତେ ଦିଅ, ନୋହିଲେ କ୍ଷାନ୍ତ ହୁଅ । ତହିଁରେ ସେମାନେ ମୋର ବେତନ ନିମନ୍ତେ ତିରିଶ୍ ରୌପ୍ୟ ମୁଦ୍ରା ତୌଲି କରି ଦେଲେ ।"

ରାଜା ନବଖଦ୍‌ନିତ୍ସର ତାହାଙ୍କ ନିର୍ମିତ ସ୍ୱର୍ଣ୍ଣ ପ୍ରତିମାକୁ ପ୍ରଣାମ ନ କରିଥିବା ଶଦ୍ରକ, ମୈଶକ୍ ଓ ଅବେଦ୍-ନୋଗକୁ ଅଗ୍ନି କୁଣ୍ଡରେ ନିକ୍ଷିପ୍ତ କରିବାକୁ ଆଜ୍ଞା ଦେଲେ । କିନ୍ତୁ ସେମାନେ ଅଗ୍ନିକୁଣ୍ଡରେ ଚାରିଜଣ ବ୍ୟକ୍ତି ଦେଖିଥିଲେ ଏବଂ ".. .. ଚତୁର୍ଥ ଲୋକର ମୂର୍ତ୍ତି ପରମେଶ୍ୱରଙ୍କ ପୁତ୍ର ସଦୃଶ୍ୟ ।" (ଦାନିୟେଲ ୩:୨୫, ୭:୧୩) ।

ଯିହୂଦୀମାନଙ୍କ ସାତୋଟି ପର୍ବ ବିଷୟରେ ଲେବୀ ପୁସ୍ତକ ତ୍ରୟୋବିଂଶ ଅଧ୍ୟାୟରେ ପଢ଼ିପାରୁ । ପଞ୍ଚମ ପଦରେ ନିସ୍ତାର ପର୍ବ ପାଳନ ବିଷୟରେ ଲିଖିତ ହୋଇଅଛି । ଏହି ପର୍ବ ବର୍ଷରେ ପ୍ରଥମ ମାସର ଚତୁର୍ଦ୍ଦଶ ଦିବସରେ ପାଳିତ ହୁଏ । ପ୍ରଭୁ ଯୀଶୁଖ୍ରୀଷ୍ଟ ନିସ୍ତାର ପର୍ବର ବଳି ପଶୁ ସଦୃଶ୍ୟ ଆମ୍ଭମାନଙ୍କ ପାପ ନିମନ୍ତେ କ୍ରୁଶରେ ଆପଣାକୁ ବଳିଦେଇଥିଲେ । "...ଆମ୍ଭମାନଙ୍କ ନିସ୍ତାର ପର୍ବର ମେଷପାଳକ, ଅର୍ଥାତ୍ ଖ୍ରୀଷ୍ଟ ମଧ୍ୟ ବଳୀକୃତ ହୋଇଅଛି ।" (ପ୍ରଥମ କରିନ୍ଥୀ ୫:୭) । (୨) ମାସର ପଞ୍ଚଦଶ ଦିବସରେ "ତାଡିଶୂନ୍ୟ ରୋଟୀ"ର ପର୍ବ । ଯୀଶୁପ୍ରଭୁ "ପାପରହିତ" ଆମ୍ଭମାନଙ୍କ ନିମନ୍ତେ "ତାଡିଶୂନ୍ୟ ରୋଟୀ" ସଦୃଶ୍ୟ ଅଟନ୍ତି । (୩) ଦଶମ ପଦରୁ ଦ୍ୱିବିଂଶ ପଦ ପର୍ଯ୍ୟନ୍ତ ପ୍ରଥମ କଟା ଶସ୍ୟର ପର୍ବ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ

ଦେଖନ୍ତି, "କିନ୍ତୁ ପ୍ରକୃତରେ ଖ୍ରୀଷ୍ଟ ମହାନିଦ୍ରା ପ୍ରାପ୍ତମାନଙ୍କର ପ୍ରଥମଫଳ ସ୍ୱରୂପେ ମୃତମାନଙ୍କ ମଧ୍ୟରୁ ଉତ୍‌ଥିତ ହୋଇଅଛନ୍ତି ।" (୧୫:୨୦) । (୪) ସପ୍ତମ ମାସରେ ପ୍ରଥମଦିନରେ ତୂରୀଧ୍ୱନୀ ଦ୍ୱାରା ସ୍ମରଣାର୍ଥକ ପର୍ବ ପାଳିତ ହେଉଥିଲେ । ସେମାନେ ଦୁଇଟି ତୂରୀ ବଜାଇବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । (ଲେବୀ ୨୩:୨୩-୩୨) ଓ ଗଣନା । (୫) ଯିହୂଦାମାନଙ୍କ ପଞ୍ଚମ ପର୍ବ ଲେବୀ ପୁସ୍ତକ ୨୩, ପର୍ବ ୨୭-୩୨ ପଦରେ ଲିଖିତ ଅଛି । ଏହା "ପ୍ରାୟଶ୍ଚିତ"ର ଦିବସ । ଏହି ଦିବସରେ ପାପାର୍ଥକ ବଳି ରୂପେ ଏକ ଛାଗ ବଳି ଦିଆଯାଉଥିଲା । ଏହାକୁ ଏବ୍ରୀ ଭାଷାରେ "Yom kipper" ବୋଲି କୁହାଯାଏ । ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପାପର୍ଥକ ବଳି ଛାଗ ଅଟନ୍ତି । (୬) ସପ୍ତମ ମାସରେ ପଞ୍ଚଦଶ ଦିନଠାରୁ ସାତଦିନ ପର୍ଯ୍ୟନ୍ତ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପତ୍ରକୁଟୀରର ପର୍ବ ପାଳନ କରାଯାଉଥିଲା । (ଲେବୀ ୨୩:୩୪-୪୪) । "ତୁମ୍ଭେମାନେ ସାତ କୁଟୀରରେ ବାସ କରିବା ।" (ଲେବୀ ୨୩-୪୨, ଯିଶାଇୟ ୪:୬) । ଏହା Feast of Tebunence ରୂପେ ଖ୍ୟାତ । ପ୍ରେରିତ ଯୋହନ ପ୍ରକାଶିତ ବାକ୍ୟ ୨୧:୩ ପଦରେ ଲେଖନ୍ତି । "ଆଉ ମୁଁ ସିଂହାସନ ମଧ୍ୟରୁ ଗୋଟିଏ ମହା ଶବ୍ଦ ଏହା କହିବାର ଶୁଣିଲି, ଦେଖ ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ (Tabernacle) ଅଛି । ସେ ସେମାନଙ୍କ ସହିତ ବାସ କରିବେ ।" (ପ୍ରକାଶିତ ୨୧:୩) । (୭) ନିସ୍ତାର ପର୍ବର ପଞ୍ଚାଶତମ ଦିବସରେ ପେଣ୍ଟିକଷ୍ଟ ପର୍ବ ପାଳନ କରାଯାଏ । ଏହା ସୀନୟ ଉପରେ ସେମାନେ "ବ୍ୟବସ୍ଥା" ପ୍ରାପ୍ତିର ସ୍ମରଣାର୍ଥେ ପାଳନ କରାଯାଏ । ସେଦିନ ଇଶ୍ରାଏଲମାନେ ଏକ ସ୍ୱର୍ଣ୍ଣ ବାଛୁରୀର ଆରାଧନା କରିବା ବିଷୟ ଆମ୍ଭେମାନେ ଯାତ୍ରା ୩୨ ପର୍ବରେ ପଢ଼ିପାରୁ । ସେହିଦିନ ଊଣାଧିକ ତିନି ହଜାର ଲୋକେ ହତ ହେଲେ । ଖ୍ରୀ:ଜ: ୩୩ ମସିହାର ପେଣ୍ଟିକଷ୍ଟ ଦିନରେ ଊଣାଧିକ ୩,୦୦୦ ଲୋକେ ମଣ୍ଡଳୀରେ ସଂଯୁକ୍ତ ହେଲେ ।

**- Joshua Gootam**

❋ ❋ ❋

# ଯୀଶୁଖ୍ରୀଷ୍ଟଙ୍କ ପଦଚିହ୍ନ ଅନୁସରଣ କରୁ
## (Following in the steps of Jesus)

"ଏଥି ନିମନ୍ତେ ହିଁ ତୁମ୍ଭେମାନେ ଆହୂତ ହୋଇଅଛ, କାରଣ ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ପଦଚିହ୍ନ ଦେଇ ଗମନ କର, ସେ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ଦୁଃଖଭୋଗ କରି ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇ ଦେଇ ଯାଇଅଛନ୍ତି, ସେ କୌଣସି ପାପ କଲେ ନାହିଁ, କିଅବା ତାହାଙ୍କ ମୁଖରେ କୌଣସି ଛଳକଥା ନ ଥିଲା । ସେ ନିନ୍ଦା ପାଇବା ସମୟରେ ଫେରି ନିନ୍ଦା କଲେ ନାହିଁ, ଦୁଃଖଭୋଗ କରିବା ସମୟରେ ପ୍ରତିହିଂସା କରିବାକୁ ଭୟ ଦେଖାଇଲେ ନାହିଁ, କିନ୍ତୁ ନ୍ୟାୟ ବିଚାର କର୍ତ୍ତାଙ୍କ ହସ୍ତରେ ସମସ୍ତ ବିଷୟ ସମର୍ପଣ କଲେ । ଆମ୍ଭେମାନେ ଯେପରି ପାପ ପ୍ରତି ମୃତ ହୋଇ ଧାର୍ମିକତା ନିମନ୍ତେ ଜୀବନଯାପନ କରୁ, ଏଥି ନିମନ୍ତେ ସେ ଆପେ କ୍ରୁଶ ଉପରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ, ତାହାଙ୍କ ପ୍ରହାରରେ ତୁମ୍ଭେମାନେ ସୁସ୍ଥ ହୋଇଅଛ ।'' (୧ମ ପିତର ୨:୨୧-୨୪)

ଈଶ୍ୱରଙ୍କର ପୁତ୍ର, ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଏହି ଜଗତରେ ଅବତରଣ କରିଥିଲେ । ''କାରଣ ଯାହା ହଜିଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟ ପୁତ୍ର ଆସିଅଛନ୍ତି । (ଲୂକ ୧୯:୧୦) । ଯଦି ଆମ୍ଭେମାନେ ତାହାଙ୍କ ଅନୁସରଣ କରୁ, ତାହା ଆମ୍ଭମାନଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ହେଉ ।'' ସଚେତନ ହୋଇ ଜାଗ୍ରତ ରୁହ । ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହ ପ୍ରାୟ ଗର୍ଜ୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି ।'' (୧ମ ପିତର ୫:୮) । ଏହି ଜଗତର ଅଧିକାଂଶ ଶୟତାନଧିନ । (ଏବ୍ରୀ ୨:୧୪-୧୫) । ''......ସମସ୍ତ ଜଗତ ଯେ ପାପାତ୍ମାର ଅଧିନ ପ୍ରେରିତ ଯୋହନଙ୍କ ଏହି ବାକ୍ୟ ମନେ ରଖୁ । (୧ମ ଯୋହନ ୫:୧୯) ଶୟତାନ ଅଧିନରୁ ଖ୍ରୀଷ୍ଟଙ୍କ ନିକଟକୁ ଫେରି ଆଣିବା ଆମ୍ଭମାନଙ୍କ ଜୀବନର ଲକ୍ଷ୍ୟ ହେଉ ।

ଯୀଶୁ କହିଲେ,''ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ । ସେମାନେ ତାହାଙ୍କୁ ଉତ୍ତର ଦେଲେ, ଆମ୍ଭେମାନେ ଅବ୍ରାହମଙ୍କର ବଂଶ, ଆଉ କେବେ  ହେଁ କାହାରି ଦାସ ହୋଇନାହୁଁ, ତେବେ ତୁମ୍ଭେମାନେ ମୁକ୍ତ ହେବ

ବୋଲି ତୁମ୍ଭେ କିପରି କହୁଅଛ ? ଯୀଶୁ ସେମାନଙ୍କୁ ଉତ୍ତର ଦେଲେ ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେକେହି ପାପ କରେ, ସେ ପାପର ଦାସ । ଦାସ ଚିରକାଳ ଗୃହରେ ରହେ ନାହିଁ, ପୁତ୍ର ଚିରକାଳ ରହେ । ଅତଏବ, ପୁତ୍ର ଯଦି ତୁମ୍ଭମାନଙ୍କୁ ମୁକ୍ତ କରିବେ, ତାହାହେଲେ ତୁମ୍ଭେମାନେ ପ୍ରକୃତରେ ମୁକ୍ତ ହେବ ।'' (ଯୋହନ ୮:୩୨-୩୬) ।

ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କିପରି କଢ଼ାଇ ଆଣିପାରିବା, ତାହାଙ୍କ ଜୀବନରୁ ଓ ତାହାଙ୍କ କାର୍ଯ୍ୟରୁ ଶିକ୍ଷା କରିପାରିବା । ତହିଁରେ ସେମାନେ ଅନ୍ତର ହୋଇ ନୌକାରେ ଗୋଟିଏ ନିର୍ଜ୍ଜନ ସ୍ଥାନକୁ ବାହାରିଗଲେ । କିନ୍ତୁ ଲୋକମାନେ ସମସ୍ତ ନଗରରୁ ପାଦ ଗତିରେ ସେଠାକୁ ଏକତ୍ର ଦୌଡ଼ି ଯାଇ ବହୁସଂଖ୍ୟକ ଲୋକଙ୍କୁ ଦେଖି ସେମାନଙ୍କ ପ୍ରତି ଦୟାରେ ବିଗଳିତ ହେଲେ, କାରଣ ସେମାନେ ଅରକ୍ଷକ ମେଷ ପରି ଥିଲେ । (ମାର୍କ ୬:୩୨-୩୪) । ଏହି ଘଟଣାରେ ପ୍ରଭୁ ଯୀଶୁଖ୍ରୀଷ୍ଟ, ଯାହା ଅନୁଭବ କରିଥିଲେ, ତାହା ଆମ୍ଭେମାନେ ଅନୁଭବ କରିବା ଆବଶ୍ୟକ ।

## ''ସେମାନଙ୍କ ପ୍ରତି ଦୟାରେ ବିଗଳିତ ହେଲେ''

ବିନାଶ ପ୍ରାପ୍ତ ହେଉଥିବା ଆତ୍ମାଗୁଡ଼ିକ ସାକ୍ଷାତ ହେଲେ, ଆପଣ କିପରି ଅନୁଭବ କରନ୍ତି ? ଆମ୍ଭମାନଙ୍କ ବନ୍ଧୁ , ପ୍ରତିବାସୀ ମାନେ ବିନାଶ ପ୍ରାପ୍ତ ହୋଇଅଛନ୍ତି । ଆପଣ କି ସେମାନଙ୍କ ନିମନ୍ତେ ଚିନ୍ତିତ ଅଟନ୍ତି ? ଯୀଶୁ ବିନାଶ ପ୍ରାପ୍ତ ହେଉଥିବା ଆତ୍ମାମାନଙ୍କ ପ୍ରତି ଦୟା ବହି ଥିଲେ । ଏବ୍ରୀ ପୁସ୍ତକକର୍ତ୍ତା କହନ୍ତି । ''ଅତଏବ, ସମସ୍ତ ବିଷୟରେ ଆପଣା ଭ୍ରାତାମାନଙ୍କ ସଦୃଶ ହେବା ତାହାଙ୍କର ଉଚିତ ଥିଲା । ଯେପରି ସେ ଲୋକମାନଙ୍କର ପାପର ପ୍ରାୟଶ୍ଚିତ କରିବା ନିମନ୍ତେ ଈଶ୍ୱରଙ୍କ ସେବା ସମ୍ବନ୍ଧରେ ଜଣେ ଦୟାଳୁ ଓ ବିଶ୍ୱସ୍ତ ମହାଯାଜକ ହୁଅନ୍ତି । କାରଣ ସେ ନିଜେ ପରୀକ୍ଷିତ ହେଉଥିବା ଲୋକମାନଙ୍କ ଉପକାର ନିମନ୍ତେ ସକ୍ଷମ ଅଟନ୍ତି ।'' (ଏବ୍ରୀ ୨:୧୭,୧୮) । ଦୁଃଖ, କଷ୍ଟ, ନିରାଶ, ଅପମାନର ଅନୁଭୂତି ତାହାଙ୍କର ଥିଲା । ସେ ଦୁଃଖ, କଷ୍ଟ, ନିରାଶ ଓ ଅପମାନିତ ମନୁଷ୍ୟମାନଙ୍କ ସାହାଯ୍ୟ କରିବାରେ ସକ୍ଷମ ଥିଲେ । ସେ ଆମ୍ଭମାନଙ୍କ ଦୟାଳୁ ପରମେଶ୍ୱର ଅଟନ୍ତି ।

ବାକ୍ୟ କହେ, ''ପୁଣି, ପ୍ରେମ ଓ ସତ୍‌କ୍ରିୟାରେ ପ୍ରବର୍ତ୍ତାଇବା ନିମନ୍ତେ ପରସ୍ପର

ମନୋଯୋଗ କରୁ ।'' (ଏବ୍ରୀ ୧୦:୨୪) । ଏହି କାର୍ଯ୍ୟ ଖ୍ରୀଷ୍ଟ ଏହି ଜଗତରେ କରିଥିଲେ । ସେ ଅନ୍ୟମାନଙ୍କ ସ୍ଥାନରେ, ଆପଣାକୁ ରଖି ସେମାନଙ୍କ ସ୍ଥିତି ଅନୁଭବ କରିଥିଲେ । ତାହାଙ୍କ ପଦଚିହ୍ନରେ ଗମନ କରି ବିନାଶ ପ୍ରାପ୍ତ ହେବା ମନୁଷ୍ୟମାନଙ୍କ ପ୍ରତି ଦୟା ବହୁ । ଏତଦ୍ୱାରା ସେମାନଙ୍କୁ କଠୋର ବ୍ୟବହାର ନ କରି, କୋମଳ କରୁ । ଯୀଶୁ କହିଲେ, ''ଅତଏବ, ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହାସବୁ କରନ୍ତୁ ବୋଲି ଇଚ୍ଛା କର, ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେହିସବୁ କର କାରଣ ଏହି ହିଁ ବ୍ୟବସ୍ଥା ଓ ଭାବବାଦୀମାନଙ୍କ ଧର୍ମଶାସ୍ତ୍ରର ସାର ।

## ''ସେମାନେ ଅରକ୍ଷକ ମେଷ ପରି ଥିଲେ ।''

ସେଠାରେ ଏକତ୍ରିତ ଜନତା, ଯୀଶୁଙ୍କୁ ଅରକ୍ଷକ ମେଷ ତୁଲ୍ୟ ଦେଖାଗଲେ । ମନୁଷ୍ୟମାନଙ୍କୁ ଆପଣା ଆପଣା ଜୀବନର ଲକ୍ଷ୍ୟ ରହିବା ଆବଶ୍ୟକ । ଆମ୍ଭେମାନେ ସଦାପ୍ରଭୁଙ୍କ ସୃଷ୍ଟ । ଜୀବନରେ ତାହାଙ୍କ ଆଜ୍ଞାପାଳନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ''...ସବୁ ଶୁଣାଯାଇଅଛି । ପରମେଶ୍ୱରଙ୍କୁ ଭୟ କର ଓ ତାହାଙ୍କର ଆଜ୍ଞା ସବୁ ପାଳନ କର, କାରଣ ଏହା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ ।'' (ଉପଦେଶକ ୧୨:୧୩) । ''ମନୁଷ୍ୟ ଯେପରି ଈଶ୍ୱରଙ୍କର ଅନ୍ୱେଷଣ କରି କାଳେ ଦରାଣ୍ଡି ଦରାଣ୍ଡି ତାହାଙ୍କର ଉଦ୍ଦେଶ୍ୟ ପାଇପାରନ୍ତି ଏହା ସେ ଇଚ୍ଛା କରନ୍ତି ।'' (ପ୍ରେରିତ ୧୭:୨୭)

ଆଜିର ସମାଜ ମଧ୍ୟ ଯୁବସମାଜ ମଧ୍ୟ ଅରକ୍ଷକ ମେଷ ତୁଲ୍ୟ ଅଟନ୍ତି । ଅନେକ ଲକ୍ଷ୍ୟବିହୀନ ଜୀବନଯାପନ କରନ୍ତି । ଭାବବାଦୀ ଲେଖନ୍ତି, ''ହେ ସଦାପ୍ରଭୁ ମନୁଷ୍ୟର ଗତି ତାହାର ଆୟତ୍ତ ନୁହେଁ; ନିଜ ପାଦନିକ୍ଷେପ ସ୍ଥିତ କରିବାର ଗମନକାରୀ ମନୁଷ୍ୟର ସାଧ୍ୟ ନୁହେଁ ।'' (ଯିରିମିୟ ୧୦:୨୩) । ଆମ୍ଭମାନଙ୍କ ପାଦ ବିକ୍ଷେପ ଆମ୍ଭର ସାଧ୍ୟ ନୁହେଁ । ଆମ୍ଭେମାନଙ୍କର ଏକ ମେଷପାଳକଙ୍କ ପ୍ରୟୋଜନ ଅଛି । ଯୀଶୁ କହିଲେ, ''ମୁଁ ଉତ୍ତମ ମେଷପାଳକ....'' (ଯୋହନ ୧୦:୧୪) ଦୁଃଖର ବିଷୟ ଏହି କି ଯେ, ଏହି ''ଅରକ୍ଷକ ମେଷ'' ମାନେ ଜାଣନ୍ତି ନାହିଁ ଯେ ସେମାନେ ଲକ୍ଷ୍ୟହୀନ ଭାବେ ଭ୍ରମଣ କରୁଅଛି । ଉତ୍ତମ ମେଷ ପାଳକଙ୍କ ନିକଟକୁ ପଥହରା ମେଷମାନଙ୍କୁ କଢ଼ାଇ ଆଣିବା ଆମ୍ଭମାନଙ୍କ କର୍ତ୍ତବ୍ୟ ।

## ''ଅନେକ ଶିକ୍ଷାଦେବାକୁ ଲାଗିଲେ ।''

ଯୀଶୁ ସେମାନଙ୍କ ଆବଶ୍ୟକତା ବୁଝିଲେ । କିନ୍ତୁ ପ୍ରଜା ସେ ବିଷୟରେ ଜ୍ଞାତ

ନ ଥିଲେ । ତାହାଙ୍କୁ ବଚସାକାରୀମାନେ "ରୋଗୀମାନଙ୍କୁ କାହିଁକି ସୁସ୍ଥ କରୁ ନାହିଁ ?" ରୋମୀୟ ସାମ୍ରାଜ୍ୟରେ ଦାସତ୍ୱରୁ କାହିଁକି ମୁକ୍ତ କରୁନାହିଁ ? ଏପରି ଅନେକ ବଚସା କରିଥିବେ । କିନ୍ତୁ ସେ କୌଣସି ବଚସାକୁ ଭ୍ରୂକ୍ଷେପ ନ କରି, ଆପଣା କାର୍ଯ୍ୟରେ ଅଗ୍ରସର ହୋଇଥିଲେ । ଯାହାକି ସର୍ବଶ୍ରେଷ୍ଠ କାର୍ଯ୍ୟ ଓ ବର୍ତ୍ତମାନ ସୁଦ୍ଧା ତାହା ସର୍ବଶ୍ରେଷ୍ଠ ଅଟଇ ।

ଯୀଶୁ ତାହାଙ୍କୁ ଅନୁସରଣ କରିଥିବା ଜନସମୂହକୁ କହିଥିଲେ, "କ୍ଷୟୀ ଭକ୍ଷ୍ୟ ନିମନ୍ତେ ଶ୍ରମ ନ କରି, ବରଂ ଯେଉଁ ଅନନ୍ତ ଜୀବନଦାୟକ ଭକ୍ଷ୍ୟ ମନୁଷ୍ୟ ପୁତ୍ର ତୁମ୍ଭମାନଙ୍କୁ ଦେବେ, କାରଣ ତାହାଙ୍କୁ ପିତା ମୁଦ୍ରାଙ୍କିତ କଲେ ।" (ଯୋହନ ୬:୨୭) ଶାରୀରିକ ଖାଦ୍ୟ ଠାରୁ ଆତ୍ମିକ ଖାଦ୍ୟ ଶ୍ରେଷ୍ଠତର ବୋଲି ତାହାଙ୍କ ବାକ୍ୟରୁ ଆମ୍ଭମାନଙ୍କୁ ଜଣାଇ ଅଛନ୍ତି । ସେ ଜଗତର ରୋଗ, କ୍ଷୁଧା କିଅବା ରାଜନୀତି ଅତ୍ୟାଚାର ଲୋପ କରିବାକୁ ଆସି ନ ଥିଲେ । ଯଦିଓ ସେ ସବୁ ଲୋପ କରିବାକୁ ତାହାଙ୍କର ଶକ୍ତି ଥିଲା, ତାହା ଯୀଶୁଖ୍ରୀଷ୍ଟଙ୍କ ଜୀବନର ଉଦ୍ଦେଶ୍ୟ ନ ଥିଲା । ସେ କହିଲେ, "......ଯାହା ହଜିଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟପୁତ୍ର ଆସିଅଛନ୍ତି ।" (ଲୂକ ୧୯:୧୦) । ଏହା ଆମ୍ଭମାନଙ୍କ ଜୀବନର ଲକ୍ଷ୍ୟ ହେଉ ।

ଯୀଶୁ କହିଲେ, "ଆଉ, ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ନିଜ ଜୀବନ ହରାଏ, ତେବେ ତାହାର କି ଲାଭ ? ପୁଣି, ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେଇପାରେ ?" (ମାର୍କ ୮:୩୬-୩୭) । ସମାଜରେ ଆମ୍ଭେମାନେ ଅନେକ ସେବା କାର୍ଯ୍ୟ କଲେ ହେଁ, ସେମାନଙ୍କ ଆତ୍ମିକ ଆବଶ୍ୟକତା ପୂରଣ ନ କଲେ, ଆମ୍ଭେମାନେ ସେମାନଙ୍କୁ ପ୍ରକୃତ ସାହାଯ୍ୟ କରିନାହୁଁ ।

ମନୁଷ୍ୟମାନଙ୍କୁ ଶିକ୍ଷା ଦେବାକୁ ଆରମ୍ଭ କଲେ ସେମାନଙ୍କ ଆତ୍ମିକ ଆବଶ୍ୟକତାରେ ସାହାଯ୍ୟ କରିପାରୁ । "....ସେ ସେମାନଙ୍କୁ ଅନେକ ଶିକ୍ଷା ଦେବାକୁ ଲାଗିଲେ ।" ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ ଯିହୂଦୀ ପକ୍ଷରେ, ଆଉ ମଧ୍ୟ ଗ୍ରୀକ୍ ପକ୍ଷରେ ।" (ରୋମୀୟ ୧:୧୬) । ଈଶ୍ୱରଙ୍କ ବାକ୍ୟର ଶିକ୍ଷାରୁ ଆମ୍ଭେମାନେ ସମସ୍ତ ଆତ୍ମିକ

ଆଶୀର୍ବାଦ ପାଇପାରୁ । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କୁ କହିଥିଲେ, ''ଏବେ ମୁଁ ତୁମ୍ଭମାନଙ୍କୁ ପ୍ରଭୁଙ୍କ ଠାରେ ଓ ତାହାଙ୍କ ଅନୁଗ୍ରହର ବାକ୍ୟ ନିକଟରେ ସମର୍ପଣ କରୁଅଛି । ସେ ତୁମ୍ଭମାନଙ୍କୁ ନିଷ୍ଠାବାନ କରିବା ନିମନ୍ତେ ଓ ପବିତ୍ରୀକୃତ ସମସ୍ତଙ୍କ ମଧ୍ୟରେ ଅଧିକାର ଦେବା ନିମନ୍ତେ ସମର୍ଥ ଅଟନ୍ତି ।'' (ପ୍ରେରିତ ୨୦:୩୨) ମନୁଷ୍ୟମାନଙ୍କ ପ୍ରକୃତ ଆବଶ୍ୟକତା ଜ୍ଞାତ ହେଲେ ସେମାନଙ୍କୁ ଶିକ୍ଷା ନ ଦେଇ ରହି ନ ପାରୁ ।

ଯୀଶୁ ଆପଣା ଶିଷ୍ୟମାନଙ୍କ ତଥା ଆମ୍ଭମାନଙ୍କୁ କହନ୍ତି, ''ପୁଣି, ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର । ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୫-୧୬) । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ କହନ୍ତି, ''ତଦନୁସାରେ ମଣ୍ଡଳୀ ଦ୍ୱାରା ଯେପରି ତାହାଙ୍କର ବହୁବିଧ ଜ୍ଞାନ ସ୍ୱର୍ଗରେ କର୍ତ୍ତାପଣ ଓ ଅଧିକାର ପ୍ରାପ୍ତ ବ୍ୟକ୍ତିଙ୍କୁ ଜ୍ଞାତ କରାଯାଏ ।'' (ଏଫିସୀ ୩:୧୧) କେବଳ ଯୀଶୁଖ୍ରୀଷ୍ଟ ଶିକ୍ଷା (ବାକ୍ୟ) ଦ୍ୱାରା ଶୟତାନର ବନ୍ଧନରୁ ମୁକ୍ତ ହୋଇପାରୁ । ଆମ୍ଭେମାନେ ଯଦି ଅନ୍ୟମାନଙ୍କୁ ପ୍ରେମ ବିଷୟରେ ଓ ତାହାଙ୍କ ତ୍ୟାଗ ବିଷୟରେ ନ କହି ରହି ନ ପାରୁ ।

ଆମ୍ଭେମାନେ କି ଖ୍ରୀଷ୍ଟଙ୍କୁ ଅନୁସରଣ କରୁଅଛୁ ? ଯୀଶୁ ଆମ୍ଭମାନଙ୍କ ପ୍ରତି ଦୟା ବହିବା ସଦୃଶ୍ୟ । ଆମ୍ଭେମାନେ ଅନ୍ୟମାନଙ୍କ ପ୍ରତି ଦୟା ବହୁ । ସେ ଯେପରି ଜନସମୂହଙ୍କୁ ଦେଖୁଥିଲେ, ଆମ୍ଭେମାନେ ମଧ୍ୟ ସମାଜକୁ ଦେଖୁ । ଯେଉଁମାନେ ଖ୍ରୀଷ୍ଟଙ୍କ ବିନୁ ବିନାଶ ହେଉଅଛନ୍ତି, ସେମାନଙ୍କ ପରିସ୍ଥିତି ଅନୁଭବ କରୁ । ଯୀଶୁଖ୍ରୀଷ୍ଟଙ୍କ ପଦଚିହ୍ନ ଅନୁସରଣ କରି ସେମାନଙ୍କୁ ଶିକ୍ଷା ଦେଉ । କାରଣ ''ଯେଉଁମାନେ ବିଶ୍ୱାସ କରନ୍ତି, ସେମାନଙ୍କ ପ୍ରତି ସୁସମାଚାର ଈଶ୍ୱରଙ୍କ ଶକ୍ତି ଅଟେ ।''

**- Clem Thurman**

# ସଦାପ୍ରଭୁଙ୍କ ସେବକ
## (The Servant of Lord)

ମୋଶା "ସଦାପ୍ରଭୁଙ୍କ ସେବକ" ରୂପେ କୁହାଯାଇଅଛି । (ଦ୍ୱି.ବି. ୩୪ ପର୍ବ) ତଥାପି ସେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରି ପାରି ନ ଥିଲେ । ଇଶ୍ରାଏଲ୍ ଜନସମୂହ କାଦେଶ ବାସ କରିବା ସମୟରେ ଜଳର ଅଭାବରୁ ମୋଶା ଓ ହାରୋଣ ବିରୁଦ୍ଧରେ ଅଭିଯୋଗ କରନ୍ତି । ମୋଶା ଓ ହାରୋଣ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ । ସମସ୍ତ ସମାଜକୁ ଶୈଳ ନିକଟରେ ଏକତ୍ରିତ କରି, ଶୈଳକୁ ଜଳ ଦେବା ନିମନ୍ତେ ଆଜ୍ଞା ଦେବା ନିମନ୍ତେ ସଦାପ୍ରଭୁ ମୋଶାଙ୍କୁ ଆଜ୍ଞା ଦେଲେ । "ପୁଣି ମୋଶା ଓ ହାରୋଣ ସେହି ଶୈଳ ସମ୍ମୁଖରେ ସମାଜକୁ ଏକତ୍ରିତ କଲେ ଆଉ ସେ ସେମାନଙ୍କୁ କହିଲେ, ହେ ବିଦ୍ରୋହୀଗଣ, ଶୁଣ, ଆମ୍ଭେମାନେ କି ତୁମ୍ଭମାନଙ୍କ ନିମନ୍ତେ ଏହି ଶୈଳରୁ ଜଳ ବାହାର କରିବା ? ଏ ଉତ୍ତାରେ ମୋଶା ହସ୍ତ ଉଠାଇ ଆପଣା ଯଷ୍ଟିରେ ସେହି ଶୈଳକୁ ଦୁଇଥର ଆଘାତ କଲେ, ତହିଁରେ ପ୍ରଚୁର ଜଳ ବାହାର ହେଲା, ପୁଣି ମଣ୍ଡଳୀ ଓ ସେମାନଙ୍କ ପଶୁଗଣ ପାନ କଲେ । ଏଥିରେ ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ, ତୁମ୍ଭେମାନେ ଇଶ୍ରାଏଲ ସନ୍ତାନମାନଙ୍କୁ ସାକ୍ଷାତରେ ଆମ୍ଭମାନଙ୍କୁ ପବିତ୍ର ବୋଲି ମାନ୍ୟ କରିବାକୁ ଆମ୍ଭ ଠାରେ ବିଶ୍ୱାସ କଲ ନାହିଁ, ଏ ହେତୁ ଆମ୍ଭେ ଏହି ମଣ୍ଡଳୀକି ଯେଉଁ ଦେଶ ଦେଇଅଛୁ ସେହି ଦେଶରେ ତୁମ୍ଭେମାନେ ସେମାନଙ୍କୁ ପ୍ରବେଶ କରାଇବ ନାହିଁ ।" (ଗଣନା ୨୦:୧୦-୧୨) ମୋଶା, ଅବିଶ୍ୱାସୀମାନଙ୍କ ସଦୃଶ୍ୟ ଆପଣା କାର୍ଯ୍ୟରେ ସଦାପ୍ରଭୁଙ୍କୁ ଗୌରବାନ୍ୱିତ କଲେ ନାହିଁ । ତାହାଙ୍କ ଅନାଜ୍ଞାବହତା ହେତୁ, ସେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରି ପାରି ନ ଥିଲେ ।

ମୋଶା, ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିବାକୁ ସଦାପ୍ରଭୁଙ୍କ ଠାରେ ବିନତି କରିଥିଲେ । ସେ ଇଶ୍ରାଏଲ୍ ସମାଜକୁ କହିଥିଲେ "......ମାତ୍ର ସଦାପ୍ରଭୁ ତୁମ୍ଭମାନଙ୍କ ସକାଶୁ ମୋ ଉପରେ କ୍ରୋଧ କଲେ ଓ ମୋ କଥା ଶୁଣିଲେ ନାହିଁ, ଆଉ ସଦାପ୍ରଭୁ ମୋ ଉପରେ କ୍ରୋଧ କଲେ ଓ ମୋ କଥା ଶୁଣିଲେ ନାହିଁ; ଆଉ ସଦାପ୍ରଭୁ ମୋତେ କହିଲେ ତୁମ୍ଭର ଯଥେଷ୍ଟ ହେଲାଣି, ଏ ବିଷୟରେ ଆମ୍ଭଙ୍କୁ ଆଉ କୁହ ନାହିଁ । ପିସ୍‌ଗାର ଶୃଙ୍ଗକୁ

ଚଢ଼ିଯାଅ, ଆଉ ପଶ୍ଚିମ ଓ ଉତ୍ତର ପୂର୍ବ ଆଡ଼େ ଅନାଇ ଦେଖ ଓ ଆପଣା ଚକ୍ଷୁରେ ତାହା ନିରୀକ୍ଷଣ କର; କାରଣ ତୁମ୍ଭେ ଏହି ଯର୍ଦ୍ଦନ ପାର ହୋଇଯିବ ନାହିଁ । ମାତ୍ର ଯିହୋଶୂୟଙ୍କୁ ଆଜ୍ଞା ଦିଅ ଓ ତାହାଙ୍କୁ ସାହସ ଦିଅ ଓ ତାହାଙ୍କୁ ବଳବାନ କରାଅ, କାରଣ ସେ ଏହି ଲୋକମାନଙ୍କର ଆଗେ ଆଗେ ପାର ହୋଇଯିବ, ତୁମ୍ଭେ ଯେଉଁ ଦେଶ ଦେଖିବ, ତାହା ସେ ସେମାନଙ୍କୁ ଅଧିକାର କରାଇବ.... ।'' (ଦ୍ୱି.ବି. ୨୫-୨୯)

ବାକ୍ୟ କହେ, ''ତହୁଁ ସଦାପ୍ରଭୁଙ୍କ ସେବକ ମୋଶା ସଦାପ୍ରଭୁଙ୍କ ବାକ୍ୟାନୁସାରେ ସେହି ସ୍ଥାନରେ ମୋୟାବ ଦେଶରେ ମଲେ ।'' (୩୪:୫) । ବିଶ୍ଳେଷକ Leslie ଓ Thomas ଓ ଯିହୂଦୀୟ ମତଗୁରୁଙ୍କ ମତାନୁଯାୟୀ, ମୋଶା ପରମେଶ୍ୱରଙ୍କ ଚୁମ୍ବନ ସହ ଆଖି ବୁଜିଥିଲେ । ପ୍ରେମମୟ ସ୍ୱର୍ଗୀୟ ପିତାଙ୍କ କଳରେ ସେ ସୁଖରେ ନିଦ୍ରିତ ହେଲେ । ପୁଣି ସଦାପ୍ରଭୁ ତାହାଙ୍କୁ ବୈତ୍‌ପିୟୋର ସମ୍ମୁଖସ୍ଥ ଉପତ୍ୟାକାରେ କବର ଦେଲେ, ଯାହାର ଠିକଣା କୌଣସି ମନୁଷ୍ୟ ଜାଣେ ନାହିଁ । ସେ ଇସ୍ରାଏଲ ଜାତିର ୪୦ ବର୍ଷ ନେତୃତ୍ୱ ବହନ କରିଥିଲେ । ମରଣ ସମୟରେ ମୋଶାଙ୍କୁ ଏକଶହ କୋଡ଼ିଏ ବର୍ଷ ବୟସ ହୋଇଥିଲା । ତାଙ୍କର ଚକ୍ଷୁ ଧନ୍ଦଳା ହୋଇନ ଥିଲା କିଅବା ତାଙ୍କର ସ୍ୱାଭାବିକ ବଳ ହ୍ରାସ ପାଇ ନ ଥିଲା ।

ତାହାଙ୍କ ଜୀବନ ଆମ୍ଭମାନଙ୍କୁ ଅନେକ ବିଷୟ ଶିକ୍ଷା ଦିଏ । ''ମୁଁ ସଦାପ୍ରଭୁଙ୍କ ସେବକ'' ହେଲେ ବି ଅନାଜ୍ଞାବହ ହେଲେ ଅନନ୍ତଜୀବନ ହରାଇବ । ଦ୍ୱିତୀୟରେ ଆମ୍ଭେମାନେ ଅନାଜ୍ଞାବହ ହେଲେ ସୁଦ୍ଧା, ମୋଶାଙ୍କ ସଦୃଶ୍ୟ ମନ ପରିବର୍ତ୍ତନ କରି ସ୍ୱର୍ଗୀୟ ପିତାଙ୍କ ଚୁମ୍ବନରେ ଆଖି ବୁଜିବା ।

❋❋❋

# ସ୍ୱର୍ଗ : ଆକାଂକ୍ଷିତ ବିଶ୍ରାମ

ସ୍ୱର୍ଗ ଏକ ପ୍ରେମ, ଆନନ୍ଦ ଓ ଅନନ୍ତ ଶାନ୍ତିର ସ୍ଥାନ । "ସେ ସ୍ଥାନରେ ଦୁଷ୍ଟଗଣ କ୍ଳେଶ ଦେବାରୁ ନିବୃତ୍ତ ଓ ସେ ସ୍ଥାନରେ ପରିଶ୍ରାନ୍ତ ।" (ଆୟୁବ ୩:୧୭) । ସଦାପ୍ରଭୁ ପରମେଶ୍ୱର ସ୍ୱର୍ଗରେ ବିରାଜମାନ (ମାଥିଉ ୫:୧୬) । ତାହାଙ୍କ ସନ୍ତାନମାନଙ୍କ ନିମନ୍ତେ ସ୍ୱର୍ଗ ବିଶ୍ରାମ ସ୍ଥାନ (ଏବ୍ରୀ ୪:୯-୧୧) । ଆସ, ସ୍ୱର୍ଗ ବିଷୟରେ ଆଉ କେତେ ବିଷୟ ଜାଣିବା :-

**ଯୀଶୁ ସ୍ୱର୍ଗରୁ ଆସିଥିଲେ :-** "…. ମୁଁ ନିଜ ଇଚ୍ଛା ସାଧନ କରିବାକୁ ଅବତରଣ ନ କରି ବରଂ ମୋହର ପିତାଙ୍କ ଇଚ୍ଛା କରିବାକୁ ସ୍ୱର୍ଗରୁ ଅବତରଣ କରିଅଛି ।" (ଯୋହନ ୬:୩୮) । କାଳ ସଂପୂର୍ଣ୍ଣ ହୁଅନ୍ତେ, ସେ କନ୍ୟା ମରିୟମ ଗର୍ଭରୁ ଏହି ଜଗତରେ ଅବତରଣ କରିଥିଲେ । ଗାଲାତୀ (୪:୪) । ଯୀଶୁଙ୍କ ରକ୍ତ ଆତ୍ମମାନଙ୍କୁ ପବିତ୍ର କରି, ସ୍ୱର୍ଗରେ ପ୍ରବେଶ କରିବା ନିମନ୍ତେ ସୁଯୋଗ ଦେଇଅଛି । (୧ମ ପିତର ୧:୧୮) । ସେ ସ୍ୱର୍ଗରୁ ଅବତରଣ କରିଥିଲେ, ଏଯପରି ଆମ୍ଭେମାନେ ସ୍ୱର୍ଗକୁ ଯାଇପାରୁ ।

**ମୋହର ନାମ ସ୍ୱର୍ଗରେ ଲିଖିତ ହୋଇଅଛି :-** "କିନ୍ତୁ ତୁମ୍ଭେମାନେ ସିୟୋନ ପର୍ବତ ଓ ଜୀବନ୍ତ ଈଶ୍ୱରଙ୍କ ନଗର, ଅର୍ଥାତ୍ ସ୍ୱର୍ଗୀୟ ଯିରୁଶାଲମ, ଅସଂଖ୍ୟ ଦୂତବାହିନୀଙ୍କ ମହୋତ୍ସବ, ସ୍ୱର୍ଗରେ ଲିଖିତ ପ୍ରଥମଜାତମାନଙ୍କର ମଣ୍ଡଳୀ, ସମସ୍ତଙ୍କ ବିଚାରକର୍ତ୍ତା ଈଶ୍ୱର, ସିଦ୍ଧପ୍ରାପ୍ତ, ଧାର୍ମିକମାନଙ୍କ ଆତ୍ମାଗଣ….।" (ଏବ୍ରୀ ୧୨:୨୨-୨୩) । ଏହି ଜଗତରେ ଆପଣାଙ୍କ ନାମ ଅନେକ ସ୍ଥାନରେ ଲିଖିତ ହୋଇଅଛି ତଦ୍ୱାରା ଆପଣ ସ୍ୱର୍ଗକୁ ଯିବେ ନାହିଁ । କିନ୍ତୁ ଆପଣ ଯଦି ବାପ୍ତିଜିତ ହୋଇ, ବିଶ୍ୱସ୍ତ ଜୀବନ ଯାପନ କରନ୍ତି । ଏହି ଜୀବନରେ ଶେଷରେ ସ୍ୱର୍ଗରେ ସ୍ଥାନ ପାଇବେ । ଯୀଶୁ, ଆପଣା ବିଶ୍ୱସ୍ତ ଅନୁଚରମାନଙ୍କୁ ତାହାଙ୍କ ସହ ଘେନି ଯିବା ନିମନ୍ତେ, ଏହି ଜଗତକୁ ପୁନର୍ବାର ଆସୁ ଅଛନ୍ତି । (୧ମ ଥେସ ୪:୧୬:୧୭) ।

**ସ୍ୱର୍ଗ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ଅନନ୍ତ ଗୃହ :-** ""ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ହେଉ । ତୁମ୍ଭେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କର, ମୋ ଠାରେ ମଧ୍ୟ ବିଶ୍ୱାସ କର । ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି । ଯଦି ନ ଥାଆନ୍ତା, ତାହାହେଲେ ମୁଁ ତୁମ୍ଭମାନଙ୍କୁ କହିଆଆନ୍ତି, ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି, ପୁଣି ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି । ଆଉ ମୁଁ ଯେଉଁ ସ୍ଥାନରେ ଥାଏ, ତୁମ୍ଭମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ ! ସେଥିନିମନ୍ତେ

ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି ।" (ଯୋହନ ୧୪:୧-୩) ।

**ସ୍ୱର୍ଗ ଆମ୍ଭମାନଙ୍କ ଗମ୍ୟ ଓ ପୁରସ୍କାର :-** "ଆନନ୍ଦ କର ଓ ଉଲ୍ଲସିତ ହୁଅ, କାରଣ ସ୍ୱର୍ଗରେ ତୁମ୍ଭମାନଙ୍କ ପୁରସ୍କାର ପ୍ରଚୁର, ....।" (ମାଥିଉ ୫:୧୨) । ସ୍ୱର୍ଗ ମନୁଷ୍ୟ ନିମନ୍ତେ ସର୍ବଶ୍ରେଷ୍ଠ ପୁରସ୍କାର । ସ୍ୱର୍ଗକୁ ଯିବା ପାଇଁ ଆମ୍ଭମାନେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରୁ । (ରୋମୀୟ ୧୦:୧୭) । ବିଶ୍ୱାସ କରୁ । (ଯୋହନ ୮:୨୪ । ମନପରିବର୍ତ୍ତନ କରି ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରୁ । (ଲୂକ ୧୩:୩, ରୋମୀୟ ୧୦:୯-୧୦), ଏବଂ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିଜିତ ହେଉ । ((ପ୍ରେ.କା. ୨୨:୧୬)) । ବାପ୍ତିଜିତ ହୋଇ ମରଣ ପର୍ଯ୍ୟନ୍ତ ବିଶ୍ୱାସ୍ତ ଜୀବନ ଯାପନ କଲେ ଜୀବନ ରୂପ ମୁକୁଟ ପ୍ରାପ୍ତ ହେବ । ଯୀଶୁ ଆପଣା ଅନୁଚର ପ୍ରତ୍ୟେକ ସ୍ୱର୍ଗରେ ନିବାସ କରିବା ଇଚ୍ଛା କରନ୍ତି । "ହେ ପିତା, ତୁମ୍ଭେ ମୋତେ ଯେଉଁମାନଙ୍କୁ ଦେଇଅଛ, ମୁଁ ଯେଉଁଠାରେ ଥାଏ, ସେମାନେ ମଧ୍ୟ ଯେପରି ସେଠାରେ ମୋହର ସହିତ ରହିବେ ଓ ଜଗତର ପତନପୂର୍ବେ ତୁମ୍ଭେ ମୋତେ ମୋତେ ପ୍ରେମ କରିଥିବାରୁ ମୋତେ ମହିମା ଦେଇଅଛ, ମୋହର ସେହି ମହିମା ସେମାନେ ଯେପରି ଦେଖିବେ, ଏହା ମୋହର ଇଚ୍ଛା ।" (ଯୋହନ ୧୭:୨୪) । ପ୍ରତ୍ୟେକ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ସ୍ୱର୍ଗ ଏକ ପ୍ରସ୍ତୁତ ସ୍ଥାନ ।

**- Charles Box**

❋ ❋ ❋

# ଅତ୍ୟନ୍ତ ପ୍ରିୟପାତ୍ର

**(Greatly Loved)**

ସ୍ୱର୍ଗୀୟ ପିତା ପରମେଶ୍ୱର ଓ ତାହାଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଅତ୍ୟନ୍ତ ପ୍ରିୟପାତ୍ର ଅନେକ ଭକ୍ତମାନଙ୍କ ବିଷୟରେ ପବିତ୍ର ଶାସ୍ତ୍ରରେ ପଢ଼ିପାରୁ । ଆଦି ୫:୨୩-୨୪ ପଦଗୁଡ଼ିକରେ ହନୋକଙ୍କ ବିଷୟରେ କୁହାଯାଏ, ''ହନୋକ ପରମେଶ୍ୱରଙ୍କ ସହିତ ଗମନ କଲେ, ଆଉ ସେ ଅନ୍ତର୍ହିତ ହେଲେ, ଯେହେତୁ ପରମେଶ୍ୱର ତାଙ୍କୁ ଗ୍ରହଣ କଲେ...'' ଏବଂ ଏଲିୟ ''....ପୂର୍ଣ୍ଣବାୟୁରେ ମୃତ୍ୟୁ ଆସ୍ୱାଦନ (ଏବ୍ରୀ ୯:୨୭) ନ କରି, ସ୍ୱର୍ଗାରୋହଣ କରିଥିଲେ ।

ବିଶ୍ୱାସୀଙ୍କ ପିତା ଅବ୍ରାହମ ଆପଣା ଏକମାତ୍ର ପୁତ୍ର ଇସ୍‌ହାକଙ୍କୁ ସଦାପ୍ରଭୁଙ୍କୁ ଉତ୍ସର୍ଗ କରିବାରେ ପ୍ରସ୍ତୁତ ହେଲେ । (ଆଦି ୨୨:୧-୧୮) । ଏବ୍ରୀ ପୁସ୍ତକକର୍ତ୍ତା ଯାକୁବ ଅବ୍ରାହମ ଆପଣା ହୃଦୟରେ ଆପଣା ପୁତ୍ରଙ୍କୁ ସଦାପ୍ରଭୁ ଉଦ୍ଦେଶ୍ୟରେ ବଳିଦାନ ଦେଇ ସାରିଥିଲେ ବୋଲି ଆପଣା ଲେଖନୀରେ ପ୍ରକଟ କରନ୍ତି । (ଏବ୍ରୀ ୧୧:୧୭ ଓ ଯାକୁବ ୨:୨୩) । ସେ ପ୍ରକୃତରେ ''ଈଶ୍ୱରଙ୍କ ମିତ୍ର'' ଭାବେ ଗଣିତ ହେବା ଯୋଗ୍ୟ ଅଟନ୍ତି ।

ପିତା ପରମେଶ୍ୱର ଭାବବାଦୀ ଯିରିମିୟଙ୍କୁ କହିଥିଲେ, ''ଉଦର ମଧ୍ୟରେ ତୁମ୍ଭଙ୍କୁ ଗଢ଼ିବା ପୂର୍ବରୁ ଆମ୍ଭେ ତୁମ୍ଭଙ୍କୁ ପବିତ୍ର କଲୁ, ଆମ୍ଭେ ତୁମ୍ଭକୁ ନାନା ଦେଶୀୟମାନଙ୍କ ନିକଟରେ ଭବିଷ୍ୟଦ୍‌ବକ୍ତା କରି ନିଯୁକ୍ତ କରିଅଛୁ ।'' (ଯିରିମିୟ ୧:୧୫) । ଯୋସେଫଙ୍କ ସହିତ ବାଗ୍‌ଦତ୍ତା କନ୍ୟା ମରିୟମଙ୍କୁ ଗାବ୍ରୀୟେଲ ଦୂତ କହିଲେ, ''....ହେ ଦାଉଦଙ୍କ ସନ୍ତାନ ଯୋସେଫ, ତୁମ୍ଭର ଭାର୍ଯ୍ୟା ମରିୟମଙ୍କୁ ଗ୍ରହଣ କରିବାକୁ ଭୟ କର ନାହିଁ, କାରଣ ତାଙ୍କର ଗର୍ଭ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ହୋଇଅଛି । ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକମାନଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ ।'' (ମାଥିଉ ୧:୨୦,୨୧) । ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ଯାହାଙ୍କୁ ଯୀଶୁ ପ୍ରେମ କରୁଥିଲେ, ସେ ଲେଖନ୍ତି, ''ଯୀଶୁ, ମାର୍ଥା ତାଙ୍କ ଭଉଣୀ ଓ ଲାଜରଙ୍କୁ ସ୍ନେହ କରୁଥିଲେ ।'' (ଯୋହନ ୧୧:୫,୩୬)

ପୁରାତନ ନିୟମର ୫ଟି ପ୍ରମୁଖ ବ୍ୟକ୍ତିମାନଙ୍କ ନାମ ଯିହିଜିକଲ ୧୪:୧୪ ଓ ୧୬, ୧୮:୧୮-୧୯ ପଦଗୁଡ଼ିକରେ ଲେଖାଯାଇଅଛି । ସେମାନେ ହେଲେ, ମୋଶା, ଶାମୁୟେଲ, ନୋହ, ଦାନିୟେଲ ଓ ଆୟୁବ । ଇଶ୍ରାଏଲ୍‌ର ପାପ ଏତେ ଘୋର ଥିଲା ଯେ, ଏହି ଭକ୍ତମାନେ ପ୍ରାର୍ଥନା କଲେ ବି ସଦାପ୍ରଭୁ ସେମାନଙ୍କୁ କ୍ଷମା କରିବେ ନାହିଁ, କିନ୍ତୁ କେବଳ ସେମାନେ ସେମାନଙ୍କ ଆପଣା ଧାର୍ମିକତା ଦ୍ୱାରା ଆପଣାକୁ ବଞ୍ଚାଇବେ ବୋଲି ସୈନ୍ୟାଧିପତି ସଦାପ୍ରଭୁ ପ୍ରକଟ କରିଥିଲେ ।

ଇଶ୍ରାଏଲମାନଙ୍କ ନିମନ୍ତେ ଦାନିୟେଲଙ୍କ ପ୍ରାର୍ଥନା ଆମ୍ଭେ ଦାନିୟେଲ ପୁସ୍ତକ ୯:୨୦-୨୩ରେ ପଢ଼ିପାରୁ । ଗ୍ରାବ୍ରୀଏଲ୍ ଦୂତ ତାହାଙ୍କୁ କହିଲେ, ''....ତୁମ୍ଭର ବିନତୀ ଆରମ୍ଭ ସମୟରେ ଆଜ୍ଞା ନିର୍ଗତ ହେଲା, ଆଉ ତୁମ୍ଭକୁ ଜଣାଇବା ପାଇଁ ମୁଁ

ଆସିଅଛି, କାରଣ ତୁମ୍ଭେ ଅତ୍ୟନ୍ତ ପ୍ରିୟ ପାତ୍ର, ଏଥିପାଇଁ ଏ ବିଷୟରେ ବିବେଚନା କର ଓ ଦର୍ଶନ ବୁଝ...।'' ଦାନିୟେଲଙ୍କୁ ୧୦ ପର୍ବ ୧୧ମ ପଦ ଓ ୧୯ମ ପଦରେ ମଧ୍ୟ ଅତ୍ୟନ୍ତ ପ୍ରିୟପାତ୍ର (Greatly Loved) ବୋଲି କୁହାଯାଇଅଛି । ଦାନିୟେଲ, ସଦାପ୍ରଭୁଙ୍କ ''ଅତ୍ୟନ୍ତ ପ୍ରିୟପାତ୍ର'' ବ୍ୟକ୍ତି ଥିଲେ । ସଦାପ୍ରଭୁଙ୍କ ''ଅତ୍ୟନ୍ତ ପ୍ରିୟପାତ୍ର'' ରୂପେ ପରିଚିତ ହେବା କେତେ ସୌଭାଗ୍ୟର ବିଷୟ ।

ଯଦିଓ ଆମ୍ଭମାନଙ୍କ ନାମ ''ପବିତ୍ର ଧର୍ମଶାସ୍ତ୍ର''ରେ ଲିଖିତ ହୋଇନାହିଁ, ଆମ୍ଭମାନଙ୍କ ନାମ ''ଜୀବନ ପୁସ୍ତକ''ରେ ଲିଖିତ ଅଛି ବୋଲି ବିଶ୍ୱାସ କରୁ ଓ ଭରସା ରଖୁ । (ପ୍ର.ବା. ୩:୫ ଓ ୨୧:୨୭) । ଆମ୍ଭମାନଙ୍କ ନାମ ଜୀବନ ପୁସ୍ତକରେ ଲିଖିତ ହେବା ନିମନ୍ତେ ଆମ୍ଭମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ରକ୍ତରେ ଧୌତ, ତାହାଙ୍କ ଅନୁଗ୍ରହରେ ପରିତ୍ରାଣ ପ୍ରାପ୍ତ ହେବା ଆବଶ୍ୟକ । (ଏଫିସୀ ୨:୮-୯ ଓ ୧:୭) । ପରମେଶ୍ୱର ଆମ୍ଭମାନଙ୍କୁ କେତେ ପ୍ରେମ କରନ୍ତି ? ବାକ୍ୟ କହେ, ''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ, ଯେ ସେ ଆପଣା ଅଦ୍ୱିତୀୟ ପୁତ୍ରକୁ ଦାନ କଲେ । ଯେପରି ଯେକେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତଜୀବନ ପ୍ରାପ୍ତ ହୁଏ ।'' (ଯୋହନ ୩:୧୬) ''ଆପଣା ବନ୍ଧୁମାନଙ୍କ ନିମନ୍ତେ ନିଜ ପ୍ରାଣଦାନ କରିବା ଅପେକ୍ଷା କାହାରି ଆଉ ଅଧିକ ଶ୍ରେଷ୍ଠ ପ୍ରେମ ନାହିଁ ।'' (ଯୋହନ ୧୫:୧୩) ''କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।'' (ରୋମୀୟ ୫:୮) । ପିତା ପରମେଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଆମ୍ଭମାନଙ୍କ ପାପମୋଚନ ନିମନ୍ତେ ଏହି ଧରାକୁ ପ୍ରେରଣ କରିଥିଲେ । ତାହାଙ୍କ ପ୍ରେମ ଅତୁଳନୀୟ । ଆମ୍ଭମାନଙ୍କ ସ୍ୱର୍ଗୀୟ ପିତା ଓ ପରମେଶ୍ୱରଙ୍କ ମେଷ ଶାବକଙ୍କ ଧନ୍ୟବାଦ ହେଉ, ଯାହାଙ୍କ ରକ୍ତ ଦ୍ୱାରା ଆମ୍ଭମାନଙ୍କ ପାପମେଚନ ହୋଇଅଛି ।

**- Raymond Elliot**

❋❋❋

**Edited & Published by : Kabita & Joshua Gootam**

# WHAT THE WORD OF GOD CAN DO FOR MAN

## INTRODUCTION

1. The Word of God is powerful. (Heb. 4:12)
2. It is the sword of the Spirit. (Eph. 6:17).
3. It is the seed of the kingdom. (Lk. 8:11).

## DISCUSSION :

### I. Furnish Man Completely to Every Good Work. (2 Tim. 3:16,17)

1. Many fine books today concerning etiquette.
2. Many fine psychology books which can assist men toward a happier life.
3. Many other fine books that can and do encourage and strengthen men
4. None can compare in the remotest way to God's Divine Word which can deliver the soul of man from eternal degradation (Heb.5:8,7)

### II. The word of God can Make Man Free (John 3:31,32; 17:17; 1:3; Rom 1:16; 6:16).

1. Man at the age of accountability becomes bound by the shackles of sin.
2. God's Word alone can free him from these shackles.

### III. The word of God can Give unto Man All that Pertains to Life and Godliness (2 Pet. 1:3; Eph. 1:3).

1. What more should man want, or what more is worthy of attainment?
2. The deliverance of the soul is man's greatest gift (Matt.16:26).

## IV. The word of God can save man (Jas. 1:21).

1. It is helpless without man's obedience (Heb. 5:8,9).

## CONCLUSION :

1. Man accepts God's Word when he :

a. Hears. (Matt. 7:24).

b. Believes. (John 20:30, 31).

c. Repents. (Lk. 13:3).

d. Confesses with the mouth (Rom 10:9.10).

e. And is baptized (Acts 2:38).

2. Man remains under the protection of God's Word so long as he is faithful (Rev. 2:10).

***Printed Book Only***

From :

SATYAVAKKU
P.O. Box 80
Kakinada - 533001

To

(FOR PRIVATE CIRCULATION ONLY)

Edited & Published by Joshua Gootam Printed by him at Satya Vani Publication, Sambamurthy St., Kakinada - 533 004